## ହୀରାକୁଦ ବନ୍ଧର ସ୍ଥିତି ଅନୁଧ୍ୟାନ

# ଆଜିଠୁ ଦ୍ୱିତୀୟ ପର୍ଯ୍ୟାୟ ରୋଭର୍ ସର୍ଭେ

ସମ୍ବଲପୁର, ୧୫।୩(ବ୍ୟୁରୋ): ହୀରାକୁଦ ବନ୍ଧର ସ୍ଥିତି ଅନୁଧ୍ୟାନ ପାଇଁ ଚାଲିଥିବା ପ୍ରଥମ ପର୍ଯ୍ୟାୟ ରୋଭର୍ ସର୍ଭେ ଗତ ଡିସେମ୍ବର ମାସରୁ ଶେଷ ହୋଇଥିଲା। ଏବେ ଏହାର ଦ୍ୱିତୀୟ ପର୍ଯ୍ୟାୟ ସର୍ଭେ ଆସନ୍ତାକାଲି ଠାରୁ ପୁଣି ଆରମ୍ଭ ହେବ। ଏଥିପାଇଁ ପୁଣି ୩ ଜଣିଆ ବିଶେଷଜ୍ଞ ଦଳ ଆସନ୍ତାକାଲି ବୁର୍ଲାରେ ଆସି ପହଞ୍ଚିବେ। ଗତ ଡିସେମ୍ବରରେ ଉଭୟ ପଟର ସମସ୍ତ ସ୍ପିଲୱେର ଅନୁଧ୍ୟାନ କାମ ଶେଷ ହୋଇଥିବା ବେଳେ ଆସନ୍ତାକାଲି ଠାରୁ ପାୱାର୍ ଡ୍ୟାମ୍‌ର ଫଟୋ ଉଠାଇ ସ୍ଥିତି ଅନୁଧ୍ୟାନ କରାଯିବ ବୋଲି ଜଣାପଡ଼ିଛି।



୬୦ ବର୍ଷରେ ପଦାର୍ପଣ କରୁଥିବା ହୀରାକୁଦ ବନ୍ଧର ସ୍ଥାୟିତ୍ୱ ନେଇ ସୁରକ୍ଷା ବ୍ୟବସ୍ଥା ଉପରେ ବର୍ତ୍ତମାନ କେନ୍ଦ୍ର ଜଳସମ୍ପଦ ବିଭାଗ ଗୁରୁତ୍ୱାରୋପ କରୁଛି। ପୂର୍ବ ଭାରତର ଏକ ବିରାଟ ଭୂଖଣ୍ଡ ପାଇଁ ଜୀବନରେଖା ପାଲଟିଥିବା ହୀରାକୁଦ ବନ୍ଧର ସୁରକ୍ଷା ଚିନ୍ତା ଏବେ ସମସ୍ତଙ୍କୁ ଘାରିଛି। ବନ୍ଧର କଂକ୍ରିଟ କାନ୍ଥରେ ଅନେକ ସ୍ଥାନରେ ଛୋଟ ବଡ଼ ଫାଟ ସୃଷ୍ଟି ହେଲାଣି। ଡ୍ୟାମ୍ ରିହାବିଲିଟେସନ୍ ଇମ୍ପ୍ଲିମେଣ୍ଟେସନ୍ ପ୍ରୋଜେକ୍ଟ (ଡ୍ରିପ୍) ଅଧୀନରେ ବର୍ତ୍ତମାନ ହୀରାକୁଦ ବନ୍ଧର ସୁରକ୍ଷା କାମ ଜାରି ରହିଛି। ଆସନ୍ତା ୨୦୧୮ ସୁଦ୍ଧା ଏହି ପ୍ରକଳ୍ପର ଅବଧି ଶେଷ ହେବ। ଏହା ପୂର୍ବରୁ ସିଏସ୍‌ଏମ୍‌ଆର୍‌ଏସ୍ ପକ୍ଷରୁ ଏହାର ଅନୁଧ୍ୟାନ କାମ ଆରମ୍ଭ ହୋଇଛି। କେନ୍ଦ୍ର ସରକାରଙ୍କ ଜଳସମ୍ପଦ ବିଭାଗ ଅଧୀନରେ ଥିବା ଏହି ସଂସ୍ଥାର ବିଶେଷଜ୍ଞ ଆଲେକ୍ସ ଭରଗିସ୍‌ଙ୍କ ନେତୃତ୍ୱରେ ବୀରେନ୍ଦ୍ର ପ୍ରତାପ ଏବଂ ଶିବ ଚରଣ ପ୍ରମୁଖ ଗତ ଡିସେମ୍ବର ୧୩ରୁ ରୋଭ୍ ଯନ୍ତ୍ର ସାହାଯ୍ୟରେ ଅନୁଧ୍ୟାନ ଜାରି ରଖିଥିଲେ। ପ୍ରଥମ ପର୍ଯ୍ୟାୟରେ ହୀରାକୁଦ ପଟର ୨୪ଟି ସ୍ପିଲ୍‌ୱେ ଏବଂ ବୁର୍ଲା ପଟର ୪୦ଟି ସ୍ପିଲ୍‌ୱେର ସମ୍ମୁଖ ପଟରେ ଗଭୀର ଜଳ ଭିତରୁ ଅନୁଧ୍ୟାନ କରି ଫଟୋ ଉଠାଇଛି ରୋଭ୍। ସ୍ପିଲ୍‌ୱେର କଂକ୍ରିଟ କାନ୍ଥର ପ୍ରକୃତ ଅବସ୍ଥିତିର ଯାଞ୍ଚ କରିଛି ଏହି ଯନ୍ତ୍ର। ଏକ ରଶି ସାହାଯ୍ୟରେ ଏହି ରୋଭ୍‌କୁ ପାଣି ଭିତରେ ଛାଡ଼ି ଫଟୋ ଉଠାଯାଉଥିଲା। ସମସ୍ତ ୬୪ଟି ସ୍ପିଲ୍‌ୱେର ଅନୁଧ୍ୟାନ ସାରି ବିଶେଷଜ୍ଞମାନେ ଗତ ମାସ ୨୬ ତାରିଖରେ ଦିଲ୍ଲୀ ଫେରିଥିଲେ।

ତେବେ, ବାକି ଥିବା ପାୱାର୍ ଡ୍ୟାମ୍‌ର ମୁଖ୍ୟ କାନ୍ଥର ଅବସ୍ଥିତି ଅନୁଧ୍ୟାନ ପାଇଁ ଆସନ୍ତାକାଲି ଏହି ସଂସ୍ଥାର ଏକ ୩ ଜଣିଆ ବିଶେଷଜ୍ଞ ଦଳ ପୁଣି ବୁର୍ଲାକୁ ଆସୁଛନ୍ତି। ସେମାନେ ବନ୍ଧର ପାୱାର୍ ଡ୍ୟାମ୍‌ର କଂକ୍ରିଟ୍ କାନ୍ଥର ଫଟୋ ପାଣି ଭିତରୁ ଟାଣି ଅନୁଧ୍ୟାନ କରିବ। ବୁର୍ଲା ପାୱାର୍ ହାଉସ୍ ଗ୍ୟାଲେରିରେ ଫାଟ ସୃଷ୍ଟି ହୋଇଥିବା ନେଇ ୨୦୧୪ରୁ ରିପୋର୍ଟରେ ପ୍ରକାଶ ପାଇସାରିଛି। ଏନେଇ କେନ୍ଦ୍ରୀୟ ବିଶେଷଜ୍ଞ ଦଳ ବାରମ୍ବାର ଗସ୍ତ କରି ଏହାର ମରାମତି ପାଇଁ ରିପୋର୍ଟ ଦେଇସାରିଥିଲେ ହେଁ ତାହାର ପ୍ରତିକାର ହୋଇନଥିବା ଜଣାପଡ଼ିଛି। ଏଭଳି ସ୍ଥିତିରେ ରୋଭର୍ ସର୍ଭେ ପରେ ଏହି କଂକ୍ରିଟ୍ କାନ୍ଥରେ ଥିବା ବହୁ ଛୋଟ ବଡ଼ ଫାଟ ସାମ୍ନାକୁ ଆସିବ ବୋଲି ଆଶା କରାଯାଉଛି।